# ଲୁଟ୍ ଘଟଣାର ପର୍ଦ୍ଦାଫାସ: ୬ ଅଭିଯୁକ୍ତ ଗିରଫ



ଚମ୍ପୁଆ, ୯।୬(ସମିସ): ଚମ୍ପୁଆ ଥାନା କୋଦଗାଡ଼ିଆ ଗ୍ରାମରେ ଘଟିଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଚମ୍ପୁଆ ପୁଲିସ। ପୁଲିସ ଝାଡ଼ଖଣ୍ଡର ମଝିଗାଁ ଅଞ୍ଚଳରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ୧୦ ମେ ୨୦୨୬ ତାରିଖରେ ଶୁଭେନ୍ଦୁ ମହାନ୍ତଙ୍କ ପରିବାର ଘରେ ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ପ୍ରବେଶ କରିଥିଲେ। ପରେ ଘରେ ଥିବା ସୁନା ଅଳଙ୍କାର ସମେତ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ ଶୁଭେନ୍ଦୁ ମହାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ଚମ୍ପୁଆ ଥାନାରେ କେସ୍ ନଂ-୧୬୯/୨୬ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁଙ୍କ ନେତୃତ୍ୱରେ ଏବଂ ଆଇଆଇସି ସରୂପ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଦୀର୍ଘ ତଦନ୍ତ ଓ ଗୁପ୍ତ ସୂଚନା ଆଧାରରେ ପୁଲିସ ଝାଡ଼ଖଣ୍ଡର ମଝିଗାଁ ଅଞ୍ଚଳରେ ଚଢ଼ଉ କରି ଏମ୍‌ଡି ରାହାତ, ଏମ୍‌ଡି ଆଜାଦ, ମହମ୍ମଦ ହୁସେନ, ଏମ୍‌ଡି ଅମିନୁଲ, ସଲିମ ଓ ଏମ୍‌ଡି ତମିଜଙ୍କୁ ଗିରଫ କରିଛି। ପୁଲିସ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରଖିଥିବା ବେଳେ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ଏବଂ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଚମ୍ପୁଆ ପୁଲିସର ଏହି ଦ୍ରୁତ ଓ ସଫଳ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ କୋଡ଼ଖମଣରେ ଆଜି ୯ମ ଗ୍ରାମସଭା

ତୁରୁମୁଙ୍ଗା, ୯।୬(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସନ୍ତା କାଲି ସକାଳ ୮ଟାରେ ଯମୁନା ପଶି ପଞ୍ଚାୟତ କୋଡ଼ଖମଣ ଗ୍ରାମର ଛକ ନିକଟ ପଡ଼ିଆରେ ଅନୁଷ୍ଠିତ ହେବ ୯ମ ଗ୍ରାମସଭା। ଏ ନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ସମସ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସଭା ଶୃଙ୍ଖଳିତ ସହ ଶେଷ ହେବା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଗ୍ରାମର ୧୫୦.୫୦୦ ଡିସିମିଲ ଘରୋଇ ଜମି ଅଧିଗ୍ରହଣ ପାଇଁ ଲୋକଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ। ଜେଏସ୍‌ଡବ୍ଲ୍ୟୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ପାଟଣା ବ୍ଲକ୍‌ର ୧୨ଟି ଗ୍ରାମରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ଆସନ୍ତା କାଲିର ଗ୍ରାମ ସଭା ବେଶ୍ ଗୁରୁତ୍ୱ ବହନ କରୁଛି।

**ଦ୍ୱିତୀୟ ଶ୍ରୀକ୍ଷେତ୍ର ଠାକୁରଙ୍କ ସମ୍ପତ୍ତି ପୁନରୁଦ୍ଧାର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

# ଦାବି ପୂରଣ ନ ହେଲେ ୨୮ରେ ପଦଯାତ୍ରା ଚେତାବନୀ

ବାରିପଦା, ୯।୬(ସମିସ):



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର ସମସ୍ୟା ଓ ଦେବତ୍ତୋର ବିଭାଗ ଅଧୀନରେ ରହିଥିବା ସମ୍ପତ୍ତି ଓ ଠାକୁରଙ୍କ ଗହଣା ପୁନରୁଦ୍ଧାର ନିମନ୍ତେ ସେବାୟତଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ବାରିପଦା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ନ କଲେ ୨୮ ତାରିଖରେ ସେବାୟତମାନେ ବାରିପଦାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ଉଲ୍ଲେଖ କରିଛନ୍ତି।

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରିବାକୁ ଦାବିରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କଠାରେ ଏକ ଜନସ୍ୱାର୍ଥ୍ୟ ମାମଲାର ଶୁଣାଣି ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ଠାକୁରଙ୍କ ବେଶ ପାଇଁ ଉଦ୍ଦିଷ୍ଟ ସୁନାରୂପା ଗହଣା ଭାଙ୍ଗିରୁଜି ପଡିଛି। ଏହାର ମରାମତି କରି ଠାକୁରଙ୍କ ବେଶରେ ଲାଗିବା ପାଇଁ ବ୍ୟବସ୍ଥା କରିବା ସହିତ ପୂର୍ବରୁ ଠାକୁରଙ୍କ ସୁନା ମୁକୁଟ, ଗୋଡ, ହାତ ଚୋରି ହୋଇଥିବା ଯୋଗୁଁ ନୀତି ଅନୁଯାୟୀ ମହାପ୍ରଭୁଙ୍କ ବେଶ ସଠିକ ଭାବେ ସମ୍ପନ୍ନ ହୋଇପାରୁନାହିଁ। ଏଥି ପାଇଁ ନୂତନ ସୁବର୍ଣ୍ଣ ଅଳଙ୍କାର ନିର୍ମାଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଠାକୁରଙ୍କ ଦୈନିକ ନୀତି ପାଇଁ ଛତିଶାନିଯୋଗ ସେବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ସମୟରେ ସଠିକ ପାଉଣା ପାଉ ନ ଥିବାରୁ ସେବାୟତ ସେବା କାର୍ଯ୍ୟ ଛାଡିବାକୁ ବାଧ ହେଉଛନ୍ତି। ଫଳରେ ବହୁ ସେବା ପଦବୀ ଫାଙ୍କା ପଡିଥିବାରୁ ନୀତିକାନ୍ତି ସଠିକ ଭାବେ ହୋଇପାରୁନି। ଖାଲିଥିବା ପଦବୀରେ ତୁରନ୍ତ ସେବାୟତ ବ୍ୟବସ୍ଥା କରିବା, ମନ୍ଦିର ଚାରିପାଖରେ ଜମି ଅଧିଗ୍ରହଣ କରି କରିଡର ବ୍ୟବସ୍ଥା କରିବା, ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ପୁଲିସ ସୁରକ୍ଷା ବ୍ୟବସ୍ଥା କରିବା, ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଗଛ ଓ ଆଲୋକର ବ୍ୟବସ୍ଥା କରିବା, ଭକ୍ତଙ୍କ ଗାଡ଼ି ପାର୍କିଂ ବ୍ୟବସ୍ଥା କରିବା, ଭକ୍ତଙ୍କ ପାଇଁ ସୁଲଭ ଶୌଚାଳୟ ବ୍ୟବସ୍ଥା କରିବା, ନାଗରାଭାଡିର ପୁନରୁଦ୍ଧାର କରିବା, ପ୍ରଚାର ପ୍ରସାର ପାଇଁ ୬ଟି ସ୍ଥାନରେ ତୋରଣ ବ୍ୟବସ୍ଥା କରିବା, ମନ୍ଦିର ପାଇଁ ଉଦ୍ଦିଷ୍ଟ ହେମସାଗର ପୋଖରୀ ସଠିକ ଭାବେ ସୌନ୍ଦର୍ଯ୍ୟକରଣ କରିବା, ମନ୍ଦିର ଆୟବୃଦ୍ଧି ପାଇଁ ବାରିପଦାରେ ଫାଙ୍କା ଥିବା ଦେବତ୍ତୋର ଜମିରେ କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ମଧୁବନଠାରେ ଠାକୁରଙ୍କ ବଗିଚା ପାଇଁ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ଦୈନିକ ଠାକୁରଙ୍କ ନୀତି ପାଇଁ ଫୁଲ ବଗିଚା ଓ ତୁଳସୀ ବଗିଚା ବ୍ୟବସ୍ଥା କରିବା ଓ ମନ୍ଦିର ସମ୍ମୁଖ ଭାଗକୁ ସୌନ୍ଦର୍ଯ୍ୟକରଣ କରିବା ସହିତ ଭୋଗ ଦୋକାନ ସ୍ଥାପନ କରିବା ଆଦି ଦାବି ରହିଛି। ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ସେବାୟତଙ୍କୁ ଭୁବନେଶ୍ୱର ଡକାଇ ଆଲୋଚନା ସହିତ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ତ୍ରିପାଠୀ କହିଛନ୍ତି।

## ଆସୁଛି ରଜ, ସଜେଇ ହେଉଛି ସୀତାଦେଇ ଟାଙ୍ଗର

ଆନନ୍ଦପୁର, ୯।୬(ସମିସ): ଆଉ ୪ଦିନ ପରେ ରଜ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ଏହି ପର୍ବକୁ ପାଳନ କରିବା ପାଇଁ ଆନନ୍ଦପୁର ଉପଖଣ୍ଡରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଘସିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ନାରଙ୍ଗପୁର ସୀତାଦେଇ ଟାଙ୍ଗରରେ ରଜ ମଉଜ ପାଇଁ ଆୟୋଜନ ପର୍ବ ଚାଲିଛି। ଏଠାରେ ରଜକୁ ଧୁମଧାମ୍‌ରେ ପାଳନ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେଠୁ ଉତ୍ସୁକତା ଆରମ୍ଭ ହୋଇଗଲାଣି। ଘସିପୁରାଠାରୁ ୧୫ କିମି ଦୂର ନାରଙ୍ଗପୁର ଗ୍ରାମରେ ରହିଛି ଏହି ଟାଙ୍ଗର (ଛୋଟ ପାହାଡ଼)। କେବଳ ଟାଙ୍ଗର ଭାବେ ନୁହେଁ, କାହିଁ କେଉଁ କାଳରୁ ଏହା ଏକ ପୂଣ୍ୟପୀଠ ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ପ୍ରାୟ ଶହେ ଏକର ପରିସୀମା ମଧ୍ୟରେ ରହିଥିବା ଏହି ସ୍ଥାନରେ ରହିଛି ଅନେକ ଐତିହାସିକ କିମ୍ବଦନ୍ତୀ ଏହି ପାହାଡ଼ ଉପରେ ଅନେକ ଗୁମ୍ଫା ରହିଥିବା ବେଳେ ସେଥିରୁ ଅନେକ ଭାଙ୍ଗିରୁଜି ହୋଇଗଲାଣି। ଏଠାରେ ସାଧୁ ଅରକ୍ଷିତ ଦାସ ଓ ବଚନସିଦ୍ଧ ବାବାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଶ୍ରମ ନିର୍ମାଣ କରାଯାଇ ଥିବାବେଳେ ଏହାର ଭଗ୍ନକୁଟିର ରହିଛି। ଏଠାରେ ସୀତାଙ୍କ ଏନ୍ତୁଡ଼ିଶାଳ ରହିଥିବା କିମ୍ବଦନ୍ତୀ ରହିଛି। କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନକୁ ସୀତାଦେଇ ଟାଙ୍ଗର କୁହାଯାଉଛି। ୧୯୯୬ ମସିହାରୁ ଏଠାରେ ବାବା ପ୍ରଦୀପ ଦୀପ ଦାସ ଅବସ୍ଥାନ କରି ପୀଠର ମହିମା ସମ୍ପର୍କରେ ପ୍ରଚାର କରିବା ସହ ତାଙ୍କ ଉଦ୍ୟମରେ ଷଡ଼ଭୁଜ ଗୌରାଙ୍ଗ ମନ୍ଦିର ପ୍ରତିଷ୍ଠା କରାଯାଇଛି। ତାଙ୍କ ପରେ ଦୁଇ ବର୍ଷ ହେଲା ପୀଠ ଦାୟିତ୍ୱରେ କେହି ନାହାନ୍ତି। ତେବେ ପୀଠଟି ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛି। ଏଠାକୁ ଭଲ ରାସ୍ତାଟିଏ ନିର୍ମାଣ କରାଯାଇ ନଥିବାବେଳେ ପାନୀୟ ଜଳର ସୁବିଧା କରାଯାଇନାହିଁ। ଏଥି ପାଇଁ ବାରମ୍ବାର ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ଗ୍ରାମର ଯୁବକ ବିଜୟ କୁମାର ସାହୁ କହିଛନ୍ତି। ରଜ ପାଇଁ ମନ୍ଦିର ଓ ଆଶ୍ରମକୁ ନୂତନ ଭାବେ ରଙ୍ଗ କରାଯାଇ ସଜାଯାଉଛି। ରଜ ୩ ଦିନ ପାହାଡ ତଳ ଆମ୍ବତୋଟାରେ ବିଭିନ୍ନ ପ୍ରକାର ଦୋଳି ଖେଳ ହେବ। ସେହିପରି ଯୁବଗୋଷ୍ଠୀଙ୍କ ମଧ୍ୟରେ ରଜଗୀତ ପ୍ରତିଯୋଗିତା ହୋଇଥାଏ। ଏହି ୩ ଦିନ ଟାଙ୍ଗର ଉପରେ ପ୍ରବଳ ଜନଗହଳି ଲାଗି ରହିଥାଏ। ଏଠାରେ ଶେଷ ରଜ ଉତ୍ସବ ମନାଇବା ପାଇଁ ଯାଜପୁର, ଢେଙ୍କାନାଳ ଜିଲ୍ଲାରୁ ଲୋକଙ୍କ ସମାଗମ ହୋଇଥାଏ। ରଜ ତିନିଦିନ ଧରି ଏଠାରେ ପୀଠରେ ନାମସଂକୀର୍ତ୍ତନ କରାଯିବା ସହିତ ସଂକ୍ରାନ୍ତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଶାସନ ପକ୍ଷରୁ ଏହି ପୀଠ ପ୍ରତି ଦୃଷ୍ଟି ଦିଆଗଲେ ଏହାର ଗୌରବ ଆହୁରି ବୃଦ୍ଧି ପାଇବା ସହିତ ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ହୋଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶାନ୍ତ କୁମାର ସାହୁ କହିଛନ୍ତି।



## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଖୁଣ୍ଟାପଡ଼ା ଡିପାସାହିରେ ଘର ଭିତରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଚରଣ ମୁଣ୍ଡାଙ୍କ ସ୍ତ୍ରୀ କୁନି ମୁଣ୍ଡା(୩୮)। ସୂଚନା ଅନୁସାରେ ସୋମବାର ଦିନରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ହାଣ୍ଡିଆ ପିଇବା ପାଇଁ ଟଙ୍କା ମାଗିବାକୁ ନେଇ ବଚସା ହୋଇଥିଲା। ଏଥିରେ ମହିଳା ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**■ ମାରଣାସ୍ତ୍ର ଧରି ମଦୁଆ ଯୁବକଙ୍କ ଉନ୍ମତ୍ତକାଣ୍ଡ**

## ଘଣ୍ଟାଏ ଧରି ଠାକୁରମୁଣ୍ଡା-ଉଦଳା ରାସ୍ତାରେ ଯାତାୟାତ ଠପ୍



ଠାକୁରମୁଣ୍ଡା, ୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅଞ୍ଚଳର ଠାକୁରମୁଣ୍ଡା-ଉଦଳା ମୁଖ୍ୟ ରାସ୍ତାର ଗିରିବେଡା ଛକ ନିକଟରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ ଯୋଗୁଁ ପ୍ରାୟ ଏକ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ମାରଣାସ୍ତ୍ର ଧରି ରାସ୍ତାରେ ଲୋକଙ୍କୁ ଭୟଭୀତ କରିବା ସହ ଆକ୍ରମଣ ଉଦ୍ୟମ କରୁଥିବା ଏହି ଯୁବକଙ୍କୁ ଶେଷରେ ସ୍ଥାନୀୟ ଲୋକ କାବୁ କରିବା ପରେ ପରିସ୍ଥିତି ସାଧାରଣ ହୋଇଥିଲା।

ଆଜି ଅପରାହ୍ନ ସମୟରେ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଗିରିବେଡା ଗ୍ରାମର ପରମେଶ୍ୱର ନାଏକଙ୍କ ପୁଅ ସହଦେବ ନାଏକ ମଦ୍ୟପାନ କରି ମାରଣାସ୍ତ୍ର ଧରି ଗିରିବେଡା ଛକରେ ଛିଡ଼ା ହୋଇ ରହିଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଧମକ ଦେବା ସହ ମାରିବାକୁ ଗୋଡ଼ାଉଥିବାରୁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ କାଠୁଆନଆଁଗାଁ ଗ୍ରାମର ଚରଣ ପଧୁରିଆ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ସହଦେବ ନାଏକ ସେମାନଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଥିଲେ। ଭାଗ୍ୟବଶତଃ ମାରଣାସ୍ତ୍ରଟି ଚରଣଙ୍କ ଦେହରେ ନ ବାଜି ବାଇକର ପଛ ଲାଇଟରେ ବାଜିଥିଲା। ଫଳରେ ବାଇକର ପଛ ଲାଇଟ୍ ଭାଙ୍ଗିଯାଇଥିଲା ଓ ବଡ଼ ଅଘଟଣରୁ ସେମାନେ ରକ୍ଷା ପାଇଥିଲେ। ଯୁବକଙ୍କ ଏଭଳି କାଣ୍ଡ ଯୋଗୁଁ ଠାକୁରମୁଣ୍ଡା-ଉଦଳା ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଛୋଟବଡ଼ ଯାନବାହନ ଅଟକି ରହିଥିଲା। ପ୍ରାୟ ଏକ ଘଣ୍ଟା ଧରି ଏହି ଅବସ୍ଥା ଲାଗି ରହିଥିଲା। ପରେ ସ୍ଥାନୀୟ ଲୋକ ସାହସିକତାର ସହ ଏକତ୍ରିତ ହୋଇ ଉନ୍ମତ୍ତ ଯୁବକଙ୍କୁ କାବୁ କରିଥିଲେ ଓ ତାଙ୍କ ହାତରୁ ମାରଣାସ୍ତ୍ର ଛଡ଼ାଇ ନେଇଥିଲେ। ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣା ସମ୍ପର୍କରେ ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଯୁବକ ମଦ୍ୟପ ଅବସ୍ଥାରେ ଏଭଳି ଆଚରଣ କରୁଥିଲେ। ଏ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କିମ୍ବା ମାମଲା ଦାଖଲ କରିନାହାନ୍ତି। ଅଭିଯୋଗ ମିଳିଲେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଯଶିପୁରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପିତ

ଯଶିପୁର, ୯।୬(ସମିସ): ଯଶିପୁର ହାଟ ପଡ଼ିଆ ନିକଟ ଜାତୀୟ ରାଜପଥର ବାଇପାସ ଛକରେ ଆଜି ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିର ପୁନଃସ୍ଥାପନା କରାଯାଇଛି। ଗତବର୍ଷ ବିର୍ସାଙ୍କ ଜୟନ୍ତୀ ତିଥିରେ ଏକ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିଲା। ଉକ୍ତ ପ୍ରତିମୂର୍ତ୍ତିଟି ଦେଖିବାକୁ ଛୋଟ ହୋଇଥିବାରୁ ଏଠାରେ ବଡ଼ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ସ୍ଥାନୀୟ ସଚେତନ ଜନସାଧାରଣ, ସାମାଜିକ କର୍ମୀ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଭେଟି ଅନୁରୋଧ କରିଥିଲେ। ସ୍ଥାନୀୟ ସଚେତନ ବ୍ୟକ୍ତି ଓ ସାମାଜିକ କର୍ମୀଙ୍କ ଅନୁରୋଧକୁ ରକ୍ଷା କରି ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆଉଏକ ବଡ଼ ଆକାରର ବିର୍ସାଙ୍କ ପ୍ରତିମୂର୍ତ୍ତିର ପୁନଃସ୍ଥାପନା କରାଯାଇଛି। ଆଜି ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିର ପୁନଃସ୍ଥାପନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମନ୍ତ୍ରୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଦିବାସୀ ନେତା ତଥା ସାମାଜିକ କର୍ମୀ ମନୋରଞ୍ଜନ ତିରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିର୍ସାଙ୍କ ବଳିଦାନ ଦିବସ ଓ ପ୍ରତିମୂର୍ତ୍ତି ପୁନଃସ୍ଥାପନା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଦିବାସୀ ରୀତିନୀତି ଅନୁସାରେ ହୋ ସମାଜର ଦେହୁରୀ ଲଦ ହୋ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶିପୁର ବିଡିଓ ମାଧବଚନ୍ଦ୍ର ବିରୁଆ, ଜିଲ୍ଲା ପରିଷଦ ସଭ୍ୟା ସୁଜାତା ହୋ ଓ ମିନତୀ ତିରିଆ, ନାରୀନେତ୍ରୀ ରୀନା ପିଙ୍ଗୁଆ, ପୂର୍ବତନ ଯଶିପୁର ବ୍ଲକ ଚେୟାରମ୍ୟାନ ସବିତା ନାଏକ, ସାମାଜିକ କର୍ମୀ ଟିଟୋ ହେମ୍ବ୍ରମ, ମନ୍ତ୍ରୀ ଗଣେଶରାମଙ୍କ ନିର୍ବାଚନ ମଣ୍ଡଳୀ ସଂଯୋଜକ କାଳିଚରଣ ନାଏକ, ବିଜେପି ଜିଲ୍ଲା ସଭାପତି ବିପିନ ବିହାରୀ ମହାନ୍ତ, ଶିମିଳିପାଳ ମଣ୍ଡଳ ସଭାପତି ମହାନ୍ତି ବିରୁଆ ପ୍ରମୁଖ ଯୋଗ ଦେଇଥିଲେ।



## ଟ୍ରାକ୍ଟର ପଛରେ ଧକ୍କା ଦେଇ ଯୁବକ ଗୁରୁତର

ବୈଶିଙ୍ଗା, ୯।୬(ସମିସ): ବୈଶିଙ୍ଗା-ରୁପସା ରାସ୍ତାର ଅନ୍ଧାରିଆ ଜାଗାରେ ବାଉଁଶ ବୋଝେଇ ଟ୍ରାକ୍ଟର ପାର୍କ କରାଯାଇଥିବା ଯୋଗୁଁ ଟ୍ରାକ୍ଟର ପଛରେ ଧକ୍କା ଦେଇ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପ୍ରିୟଦର୍ଶୀ ରାଧେ କଲେଜ ନିକଟରେ ଘଟିଛି। ତେଲ ସରିଯିବା କାରଣରୁ ଗୋଟିଏ ବାଉଁଶ ବୋଝେଇ ଟ୍ରାକ୍ଟର ରାସ୍ତାର ଅନ୍ଧାରିଆ ସ୍ଥାନରେ ପାର୍କ କରାଯାଇଥିଲା। ସେ ସମୟରେ ପଣସିଆ ପଟରୁ ଆସୁଥିବା ବାଇକ୍ ଟ୍ରାକ୍ଟର ପଛରେ ଧକ୍କା ଦେଇଥିଲା। ବାଇକ୍ ଚାଳକ ମହୁରୀ ଗ୍ରାମର ଦୀପୁ ରାଉତ (୨୧)ଙ୍କ ମୁଣ୍ଡ ଓ ମୁହଁରେ ଟ୍ରାକ୍ଟର ଡାଲା ଓ ବାଉଁଶ ବାଜି ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ବିର୍ସା ମୁଣ୍ଡାଙ୍କ ୧୨୬ତମ ପୁଣ୍ୟତିଥି ପାଳିତ

ବାରିପଦା, ୯।୬(ସମିସ): ମୁଣ୍ଡାରୀ ୟୁଟ୍ୟୁବର୍, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନ (ମାଏପା) ପକ୍ଷରୁ ବୀର ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥି ସ୍ଥାନୀୟ ଅସ୍ତିଆ ବିର୍ସା ମୁଣ୍ଡା ଛକଠାରେ ପାଳନ କରାଯାଇଛି। ଏ ଅବସରରେ ମାଏପାର ସଦସ୍ୟମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସ୍ଥିତ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଓ ଆଦିବାସୀ ସମାଜର ମାନ, ସମ୍ମାନ, ସ୍ୱାଭିମାନ, ଜଳ, ଜଙ୍ଗଲ, ଜମିର ସୁରକ୍ଷା ପାଇଁ ତାଙ୍କ ଐତିହାସିକ ଆନ୍ଦୋଳନକୁ ସ୍ମରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ମାଏପାର ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ନାଥ ସିଂ କୋଚା, ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂହ, କୋଷାଧ୍ୟକ୍ଷ ନାଥ ସିଂ ବାରୁ, ପ୍ରିଣ୍ଟ ମିଡିଆ ସମ୍ପାଦକ ବାଜି ସିଂ, ଅଭିନେତା ସୁରୁ ସିଂ, ଅଭିନେତା ରବି ସିଂ, ବୁଧୁରାମ ସିଂ, ଆଇଟି ସେଲ୍ ସଦସ୍ୟ ମହେଶ୍ୱର ସିଂଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



## ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ

କରଞ୍ଜିଆ, ୯।୬(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଣମାଧ୍ୟମ ଓ ସୂଚନା ବିଭାଗ ବିଶ୍ୱ ସମ୍ବାଦ କେନ୍ଦ୍ର, ରାଇରଙ୍ଗପୁର ଖଣ୍ଡ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ଅବସରରେ ଏକ କାର୍ଯ୍ୟକ୍ରମ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱ, ସାମ୍ବାଦିକତାର ଦାୟିତ୍ୱବୋଧ ଓ ନିଷ୍ପକ୍ଷ ସମ୍ବାଦ ପରିବେଷଣର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସହଜିଲ୍ଲା ପ୍ରଚାର ପ୍ରମୁଖ ସତ୍ୟନାରାୟଣ ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କରଞ୍ଜିଆ ପ୍ରେସ କ୍ଲବର ସମ୍ପାଦକ କର୍ଣ୍ଣାର୍ଜୁନ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ନୈତିକତା, ସତ୍ୟତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମର ଚ୍ୟାଲେଞ୍ଜ ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସମ୍ବାଦ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ ତଥା ସାମ୍ବାଦିକ ବିନ୍ଦୁସାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିବାବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ଦେବର୍ଷି ନାରଦଙ୍କ ଜୀବନ, ସୂଚନା ପ୍ରସାରଣ କ୍ଷେତ୍ରରେ ତାଙ୍କର ଅବଦାନ ଓ ଆଜିର ସାମ୍ବାଦିକତା ସହ ତାହାର ସମ୍ପର୍କ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶୁଭମ ପରିଡାଙ୍କ ଦ୍ୱାରା ପରିବେଷିତ ସଂଗୀତ ଉପସ୍ଥିତ ଅତିଥି ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ କରଞ୍ଜିଆ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ସହ ଜଡିତ ସାମ୍ବାଦିକ ଭାଗବତ ଦାସ, ଜିତେନ୍ଦ୍ର ରାଜ, ପାର୍ଥପ୍ରସନ୍ନ ମିଶ୍ର, ଉଦିପ୍ତ ବେହେରା, ସୁମନ୍ତ ପାତ୍ର ଓ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ସେମାନଙ୍କର ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଚାର ପ୍ରମୁଖ ଅଙ୍କିତ ପାଢିଆ ଓ ଜିଲ୍ଲା ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଅଧ୍ୟାପକ ସିପୁନ୍ ଦାସ ସକ୍ରିୟ ସହଯୋଗ କରିଥିଲେ। ବହୁ ସଂଖ୍ୟକ ସ୍ୱୟଂସେବକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସମାଜସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**● ମିଛ ପ୍ରତିଶ୍ରୁତି ଦେଇ ଆଖି ଅସ୍ତ୍ରୋପଚାର**

## ଗ୍ରାମରେ ଉତ୍ତେଜନା, ଥାନାରେ ଅଭିଯୋଗ

ବଡ଼ସାହି, ୯।୬(ସମିସ): ସ୍ୱାସ୍ଥ୍ୟ ପରୀକ୍ଷା ନାମରେ ଗାଁ ଗାଁକୁ ବୁଲି ଗରିବ, ଆଦିବାସୀ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନେଇଯିବା ସହିତ ଜୋର ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଉଛି। ଏଥିପାଇଁ ସେମାନଙ୍କ ଆୟୁଷ୍ମାନ କାର୍ଡ଼ରୁ ଅର୍ଥ ମଧ୍ୟ କାଟି ନିଆଯାଉଛି। ଏହା ଜିଲ୍ଲାରେ ଏକ ବିରାଟ ସ୍କାମରେ ପରିଣତ ହୋଇଛି। ଏଥିପାଇଁ ସମ୍ପୃକ୍ତ ନର୍ସିଂହୋମ ଓ ଶିବିର ମାଲିକଙ୍କ ମାଧ୍ୟମରେ ଏକ ବିରାଟ ରାକେଟ୍ କାମ କରୁଥିବାର ଅଭିଯୋଗ ଉଠିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି, ବଡ଼ସାହି ବ୍ଲକ ଅଧୀନ ପିସିପୁର ପଞ୍ଚାୟତ ନରଣପୁର ଗ୍ରାମରେ। ଏହି ଗ୍ରାମର ୧୦ ଜଣ ଲୋକଙ୍କୁ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ଚିକିତ୍ସା କରାଇବା କହି ସ୍ୱାସ୍ଥ୍ୟ ପରୀକ୍ଷା ଆଳରେ ଗତ ରବିବାର ବାରିପଦାସ୍ଥ ଏକ ନର୍ସିଂହୋମକୁ ନିଆଯାଇଥିଲା। ସେହିଦିନ ସେମାନଙ୍କୁ ଆଣି ଘରେ ଛାଡ଼ି ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦୂର କଥା ଜୋର ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଇଥିଲା। ଏପରିକି ସେମାନେ ପ୍ରତିବାଦ କରିବା ପରେ ମଧ୍ୟ ସେମାନଙ୍କ କଥା ଶୁଣାଯାଇ ନ ଥିଲା। ଏପରିକି ଆବଶ୍ୟକ ନ ଥିବା ଲୋକଙ୍କ ଆଖିରେ ମଧ୍ୟ ଅସ୍ତ୍ରୋପଚାର କରାଯାଇଥିବାର ଅଭିଯୋଗ ଉଠିଛି। ସେମାନେ ପୂର୍ବରୁ ଭଲ ଭାବେ ଦେଖି ପାରୁଥିବାବେଳେ ଏବେ ଠିକ ଭାବେ ଦେଖି ପାରୁ ନ ଥିବାର କହିଛନ୍ତି। ସେମାନେ ଦିନ ମଜୁରିଆ ହୋଇଥିବାରୁ ବର୍ତ୍ତମାନ ସେମାନଙ୍କର ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି। ମଙ୍ଗଳବାର ସେହି ଲୋକମାନଙ୍କୁ ଏକ ଓମନି ଗାଡ଼ିରେ ଡ୍ରାଇଭର ଓ କର୍ମଚାରୀ ଗାଁକୁ ଛାଡ଼ିବାକୁ ଆସିଥିବାବେଳେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ବଡ଼ସାହି ଥାନାକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏ ସଂକ୍ରାନ୍ତରେ ଠକାମୀର ଶିକାର ହୋଇଥିବା ଗ୍ରାମର ବାଣ୍ଟୁ ଗିରି ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।



**ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଇରଙ୍ଗପୁର ଚଳଚଞ୍ଚଳ**

# ଡିଜି ଓ ଆଇଜିଙ୍କ ମିଳିତ ଭାବେ ଗସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ

ରାଇରଙ୍ଗପୁର, ୯।୬ (ସମିସ):



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୯ ଓ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ରାଇରଙ୍ଗପୁରରେ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଛି। ମଙ୍ଗଳବାର ଡିଜି ଓ ଆଇଜି ମିଳିତ ଭାବେ ରାଇରଙ୍ଗପୁର ଗସ୍ତରେ ଆସି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ରମ ସ୍ଥାନକୁ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭିଜିଲାନ୍ସ ଡିଜି ବିନୟତୋଷ ମିଶ୍ର, ଇଣ୍ଟେଲିଜେନ୍ସ ଆଇଜି ଜୟନାରାୟଣ ପଙ୍କଜଙ୍କ ସମେତ ସାଂସଦ ନବଚରଣ ମାଝି, ଏସପି ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଏସପି ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଟାଉନ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚିବେ। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ଉପରବେଡ଼ା, ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବାର ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି।

ମଙ୍ଗଳବାର ଉପରବେଡ଼ା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପ ଅନୁଧ୍ୟାନ କରିଛନ୍ତି। ସଭାସ୍ଥଳ, ହେଲିପ୍ୟାଡ, ପାର୍କିଂ, ଟ୍ରାଫିକ ବ୍ୟବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିଛନ୍ତି। ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି। ସନ୍ଦେହାସ୍ପଦ ବ୍ୟକ୍ତି ଓ ଯାନବାହନ ଉପରେ କଡା ନଜର ରଖାଯାଉଛି। ଗସ୍ତକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସମନ୍ୱିତ ଭାବେ କାମ ଚାଲିଥିବା ସୂଚନା ମିଳିଛି। ସୁରକ୍ଷା ବ୍ୟବସ୍ଥାକୁ ନେଇ କୌଣସି ଅବହେଳା ସହି ହେବନାହିଁ ବୋଲି ପୁଲିସ ଅଧିକାରୀ ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଡିଜି ଓ ଆଇଜି ଯାଞ୍ଚ କରି ପୁଲିସ ଫୋର୍ସ ମୁତୟନ ନେଇ ଅନୁଧ୍ୟାନ କରିଛନ୍ତି। ପୂର୍ବରୁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଜିଲ୍ଲାପାଳ ହେମକାନ୍ତ ସୟ ଗସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ନିୟମିତ ଭାବେ ଅନୁଧ୍ୟାନ ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଛି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଜାରି ରହିଛି।

ସକାଳ
THE SAKALA



www.sakalaepaper.com

# ୨୪ରେ ଭାଷା ସାହିତ୍ୟ ବିକାଶ ପରିଷଦର ଉଦ୍‌ଘାଟନୀ ଉତ୍ସବ



କାଳିପଦା, ୯।୬ (ସମିସ): ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକ ର ସାରସ୍ୱତ ସ୍ରଷ୍ଟାମାନଙ୍କୁ ନେଇ ଜଳେଶ୍ୱରଠାରେ ନବ ଗଠିତ ସାରସ୍ୱତ ଅନୁଷ୍ଠାନ 'ଭାଷା ସାହିତ୍ୟ ବିକାଶ ପରିଷଦ'ର ଉଦଘାଟନ ଉତ୍ସବ ଆସନ୍ତା ଜୁନ ମାସ ୨୪ ତାରିଖ ଦିନ ସ୍ଥାନୀୟ ଜଗନ୍ନାଥ ଡିଗ୍ରୀ କଲେଜ ସଭା ଗୃହରେ ଅନୁଷ୍ଠିତ ହେବ। ଏଥି ସକାଶେ ସୋମବାର ବାସନ୍ତୀ ପଡିଆସ୍ଥିତ ପରିଷଦର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଆୟବ୍ୟୟ ବଜେଟ, ଅତିଥି ଚୟନ, ନୂଆ ସଦସ୍ୟ ସଦସ୍ୟା ଗ୍ରହଣ, ପ୍ରସଙ୍ଗ ଭିତ୍ତିକ ଆଲୋଚନା, ପାଣ୍ଠି ସଂଗ୍ରହ ଆଦି ସମ୍ପର୍କ ରେ ଆଲୋଚନା ହୋଇଥିଲା। ପ୍ରାକ୍ତନ ଅଧ୍ୟାପକ ଡ. ସୁକାନ୍ତ ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମାର୍ଗ ଦର୍ଶକ ପ୍ରାକ୍ତନ ଅଧକ୍ଷ ଡ. ରସିକା ନନ୍ଦ ମହାନ୍ତି, ଆବାହକ ଅଧ୍ୟାପକ ଦେବବ୍ରତ ପ୍ରଧାନ, ସମ୍ପାଦକ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, କୋଷାଧ୍ୟକ୍ଷା କନକ ମଞ୍ଜରୀ ମହାନ୍ତି, ସୁଶୀଲ କୁମାର ମାହାନା, ପ୍ରଶାନ୍ତ କୁମାର ଜେନା, ରଞ୍ଜୁରାଣୀ ସାହୁ, ସ୍ୱର୍ଣ୍ଣ ଲତା ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ପାଇଁ ଜମି ଅଧିଗ୍ରହଣ ତାଲିକା ଚୂଡ଼ାନ୍ତ

ଜଳେଶ୍ୱର ବ୍ଲକ, ୯।୬ (ସମିସ)




ଜଳେଶ୍ୱର ଓ ଭୋଗରାଇ ଦେଇ ୪୪.୪୬ କିମି ଦୈର୍ଘ୍ୟର ବହୁ ପ୍ରତୀକ୍ଷିତ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ହେବ। ଏଥିପାଇଁ ଜମି ଅଧିଗ୍ରହଣ ନିମନ୍ତେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଜଳେଶ୍ୱର ତହସିଲର ୨୩ଟି ମୌଜାର ପାଖାପାଖି ୧୩୮୦ଟି ବ୍ୟକ୍ତିଗତ ପ୍ଲଟ୍‌କୁ ଅଧିଗ୍ରହଣ କରାଯିବ। ଏହା ବ୍ୟତୀତ ଅନେକ ସରକାରୀ ପ୍ଲଟ୍ ମଧ୍ୟ ଅଧିଗ୍ରହଣ ହେବ ଏହି ସରକାରୀ ପ୍ଲଟକୁ ମିଶାଇଲେ ମୋଟ୍ ପ୍ଲଟର ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଇଛି। ସରକାରୀ ପ୍ଲଟ୍ ଭିତରେ ମୁଖ୍ୟତଃ ଗ୍ରାମ୍ୟ ଜଙ୍ଗଲ, ଗୋଚର, ରାସ୍ତା ଓ ନାଳ ଇତ୍ୟାଦି କିସମର ଜମି ରହିଛି।

ସୂଚନା ଅନୁଯାୟୀ; ଜଳେଶ୍ୱର ତହସିଲରେ ଖରିଦା ମୌଜାରୁ ପାଖାପାଖି ୧୩ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୧.୭୬୧୧ ଏକର ଘରୋଇ ଜମି ଅଧିଗ୍ରହଣ ହେବା ନାମୋ ମୌଜାରୁ ସର୍ବାଧିକ ୩୧୨ଟି ଘରୋଇ ପ୍ଲଟ୍‌ରୁ ୫୮.୬୮୮ ଏକର, ନନ୍ଦୀକା ମୌଜାରେ ୧୬୨ ବ୍ୟକ୍ତିଗତ ପ୍ଲଟ୍‌ରୁ ୨୯.୦୦୯୪ ଏକର, ନିମପୁର ମୌଜାରୁ ୬୮ ବ୍ୟକ୍ତିଗତ ପ୍ଲଟ୍‌ରୁ ୧୭.୫୮୪୮ ଏକର, ପାଖରା ମୌଜାର ୨୧ ବ୍ୟକ୍ତିଗତ ପ୍ଲଟ୍‌ରୁ ୫.୪୭୯୩ ଏକର, ରାୟାରାମଚନ୍ଦ୍ରପୁର ମୌଜାରୁ ୫୮ ବ୍ୟକ୍ତିଗତ ପ୍ଲଟ୍‌ରୁ ୧୩.୭୧୫ ଏକର, ଶାଳିକୋଠା ମୌଜାରୁ ୫୨ ବ୍ୟକ୍ତିଗତ ପ୍ଲଟ୍‌ରୁ ୧୩.୭୮୪୮ ଏକର, ସରିଷା ମୌଜାରୁ ୭୮ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୧୨.୮୪୯୦ ଏକର, ସରସିଦା ମୌଜାରୁ ୩୩ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୮.୩୩୩୧ ଏକର, ଶାସନବାଡ଼ ମୌଜାରୁ ଗୋଟିଏ ବ୍ୟକ୍ତିଗତ ପ୍ଲଟ୍‌ରୁ ୦.୨୦୦୦ ଏକର, ସେକବାଡ଼ ମୌଜାର ୨୨ ବ୍ୟକ୍ତିଗତ ପ୍ଲଟ୍‌ରୁ ୨.୩୮୦୫ ଏକର, ଆକବରପୁର ମୌଜାର ୪୨ ଘରୋଇ ପ୍ଲଟ୍‌ରୁ ୭.୩୩୨୧ ଏକର, ବାଗପୁଞ୍ଜି ମୌଜାର ଗୋଟିଏ ବ୍ୟକ୍ତିଗତ ପ୍ଲଟରୁ ୦.୨୦୨୦ ଏକର, ବାରକଣାମୌଜାର ୫ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୦.୨୬୮୪ ଏକର, ବର୍ତନା ମୌଜାର ୧୦୯ ବ୍ୟକ୍ତିଗତ ପ୍ଲଟ୍‌ରୁ୩୫.୦୦୫୧ ଏକର, ବାଶୁଳିଆ ମୌଜାରୁ ୧୦୯ ବ୍ୟକ୍ତିଗତ ପ୍ଲଟ୍‌ରୁ ୧୮.୫୯୨୧ ଏକର, ଚକରଘୁ ମୌଜାର ୪୮ ବ୍ୟକ୍ତିଗତ ପ୍ଲଟ୍‌ରୁ ୧୦.୦୬୩୮ ଏକର, ଚକମଣି ମୌଜାର ୬ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୦.୮୩୫୬ ଏକର, ଦିବାକରପୁର ମୌଜାରୁ ୭୯ ପ୍ଲଟ୍‌ରୁ ୧୨.୬୫୫୭ ଏକର, ଡେମୁରିଆ ମୌଜାର ୧୬ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୪.୨୨୨୦ ଏକର, ଗୋପିମୋହନପୁର ମୌଜାର ୩୭ଟି ବ୍ୟକ୍ତିଗତ ପ୍ଲଟ୍‌ରୁ ୧୫.୪୦୩୬ ଏକର, ଜମାଲପୁର ମୌଜାର ୩ ବ୍ୟକ୍ତିଗତ ପ୍ଲଟ୍‌ରୁ ୦.୦୮୩୯ ଏକର, କନ୍ଦଳିଆ ମୌଜାର ୬୩ ବ୍ୟକ୍ତିଗତ ଜମିରୁ ୧୭.୩୫୮୫ ଏକର ଜମି ଅଧିଗ୍ରହଣ ହେବ

**ଜଳେଶ୍ୱରରର ୧,୩୮୦ ଘରୋଇ ପ୍ଲଟ୍‌ରୁ ହେବ ଅଧିଗ୍ରହଣ**

ତାଲିକା ପ୍ରକାଶ ପରେ ଚିନ୍ତାରେ ଜମି ମାଲିକ କେତେ ମିଳିବ କ୍ଷତିପୂରଣ; ଚାଲିଛି ଆକଳନ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଜଳେଶ୍ୱର ଓ ଭୋଗରାଇ ତହସିଲର ପାଖାପାଖି ୬୭ଟି ମୌଜାରେ ଜମି ଅଧିଗ୍ରହଣ ହେବ। ଏହି ଜମି ଅଧିଗ୍ରହଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ତହସିଲୱାରୀ ତାଲିକା ପ୍ରକାଶ ପାଇଛି ଏହି ତାଲିକା ପ୍ରକାଶ ପରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ମାଲିକମାନେ ଚିନ୍ତାରେ ପଡ଼ିଛନ୍ତି। ଜମି ଅଧିଗ୍ରହଣ ବାବଦରେ ସେମାନଙ୍କୁ କେତେ କ୍ଷତିପୂରଣ ମିଳିବ ସେନେଇ ଅଙ୍କକଷା ଆରମ୍ଭହୋଇଯାଇଛି। କୁହାଯାଉଛି ଅନେକ ଜମି ମାଲିକ ଅଛନ୍ତି ଯେଉଁମାନେ ନିଜ ଜମିକୁ ଘରବାଡ଼ିରେ ରୂପାନ୍ତରିତ ନକରି ମଧ୍ୟ ସେଠାରେ ଘରଦ୍ୱାର କରି ରହୁଛନ୍ତି। ଆଉ କିଛି ଜମି ମାଲିକ ଅଳ୍ପ ପରିମାଣର ଜମିକୁ ଘରବାଡ଼ିରେ ରୂପାନ୍ତରିତ କରିଥିବା ବେଳେ ବାସ୍ତବରେ ତାଠାରୁ ଢେର ଅଧିକ ଜମିରେ ସେମାନେ ଘରଦ୍ୱାର କରି ରହୁଛନ୍ତି। ସେହି ପରିବାରଗୁଡ଼ିକ ଜମିର ମୂଲ୍ୟ ଅନୁଯାୟୀ କିମ୍ବା ଘର ସହ ଜମିର ମୂଲ୍ୟକୁ ମିଶାଇ କ୍ଷତିପୂରଣ ପାଇବେ ସେନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଅନ୍ୟପକ୍ଷେ ରେଳ ଲାଇନ୍ ଯାଉଥିବା ଅନେକ ଗାଁ ରହିଛି ଯେଉଁଠି ସରକାରଙ୍କ ରେକର୍ଡରେ ଜମିର ମୂଲ୍ୟ ବହୁତ୍ କମ୍ ଥିବାବେଳେ ବାସ୍ତବରେ ସେଠାରେ ଜମିର ମୂଲ୍ୟ ୨ଗୁଣାରୁ ୧୦ ଗୁଣା ରହିଛି। ସେସବୁ ମୌଜାରେ ସରକାରଙ୍କ ଧାର୍ଯ୍ୟ ଦରରେ ରେଳ ବିଭାଗ ଟଙ୍କା ପୈଠ କରିବ ବୋଲି ଚର୍ଚ୍ଚା ହେଉଥିବାରୁ ଏହା ଦ୍?ାରା ପ୍ରଭାବିତ ହେବାକୁ ଥିବା ଜମି ମାଲିକମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷେ କେତେକ ଜମି ମାଲିକ ରହିଛନ୍ତି ଯେଉଁମାନଙ୍କ ଘରବାଡ଼ି ଜମିକୁ ରେଳ ବିଭାଗ ଅଧିଗ୍ରହଣ କରିବା ପରେ ଆଉ ସେମିତି ଜମି ନାହିଁ ଯେ ଘରବାଡ଼ି ହୋଇପାରିବ। ସେହି ଜମିମାଲିକଙ୍କର ମଧ୍ୟ ଚିନ୍ତା ବଢ଼ିଛି। ପୁଣି ଅନେକ ମୌଜାରେ ଜମି ଅଧିଗ୍ରହଣ ଯୋଗୁଁ ସରକାରୀ ରାସ୍ତା, ଗୋ ଚାରଣଭୂମି, ଗ୍ରାମ୍ୟ ଜଙ୍ଗଲ ଓ ପାଣି ନିଷ୍କାସନ ନାଳ ଉଚ୍ଛେଦ ହୋଇ ଯାଉଥିବାରୁ ସେସବୁ ଗାଁର ଲୋକଙ୍କ ଅବସ୍ଥା କ'ଣ ହେବ ସେନେଇ ଚିନ୍ତା ବଢ଼ିଛି।

# ଯୋଗାଣ ବିଭାଗ ଦ୍ୱାରା ପଶ୍ଚିମବଙ୍ଗର ଚୋରା ଧାନ ବୋଝେଇ ଟ୍ରକ ଜବତ

ଜଳେଶ୍ୱର, ୯।୬ (ସମିସ): ପଶ୍ଚିମବଙ୍ଗ ରାଜ୍ୟରୁ ଚୋରା ଧାନ ବୋଝେଇ ଟ୍ରକ ଓଡିଶାକୁ ପ୍ରବେଶ କରୁଥିବା ସମୟରେ ଯୋଗାଣ ବିଭାଗ ଦ୍ୱାରା ଜବତ ହୋଇଛି। ଓଡିଶା ସରକାରଙ୍କ ରବି ଋତୁ ଧାନ କିଣା ପାଇଁ ଏବେ ମଣ୍ଡି ଖୋଲାଯାଇଛି। ଓଡିଶା ସରକାରଙ୍କ ଦ୍ୱାରା ଖୋଲା ଯାଇଥିବା ଧାନ ମଣ୍ଡିରେ ସରକାରୀ ଦାମ ଅଧିକା ଥିବାରୁ ସୀମାନ୍ତ ପଶ୍ଚିମବଙ୍ଗ ରାଜ୍ୟରୁ ଧାନ ଆସି ଓଡ଼ିଶାରେ ବିକ୍ରି ହେବାର ଆଶଙ୍କା ଅଧିକ ରହିଛି। ସେଥିପାଇଁ ପଶ୍ଚିମବଙ୍ଗ-ଓଡିଶା ସୀମାରେ ଥିବା ରାସ୍ତା ଗୁଡିକରେ ଓଡିଶା ସରକାରଙ୍କ ଦ୍ୱାରା କେମେରା ଲଗାଯାଇଥିବା ମୋବାଇଲ ଭ୍ୟାନ ଦିନରାତ୍ରି ପ୍ରହରା ପାଇଁ ନିୟୋଜିତ କରାଯାଇଛି। ତଥାପି ଚୋରା ଧାନ ବେପାରୀ ମାନେ ଗଳା ବାଟଦେଇ ଓଡିଶାକୁ ଧାନ ଚୋରା ଚଲାଣ କରୁଛନ୍ତି। ଗତ ରାତ୍ରିରେ ଏକ ଧାନ ବୋଝଇ ଟ୍ରକ ପଶ୍ଚିମବଙ୍ଗ ରାଜ୍ୟରୁ ଆମ୍ବୁଳିଅଠା ଛକ ଦେଇ ଓଡିଶାକୁ ପ୍ରବେଶ କରିବା ସମୟରେ ପ୍ରହରାରତ ମୋବାଇଲ ଭ୍ୟାନ ଦ୍ୱାରା ଧରା ପଡିଥିଲା। ଯାହାକୁ ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ନେତୃତ୍ୱରେ ଜଳେଶ୍ୱର ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଜବତ କରାଯାଇଛି। ଜବତ ଟ୍ରକରେ ୫୭୦ ବସ୍ତା ଧାନ ଥିଲା, ଯାହାର ଓଜନ ୨୮୪ କୁଇଣ୍ଟାଲ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ଧାନକୁ ଜଳେଶ୍ୱର ଏଫ.ସି.ଆଇ ଗୋଦାମରେ ରଖା ଯାଇଥିବାର ଜଣାଯାଇଛି।



# ତିନି ମାସ ହେଲା ମିଳିନି ଭତ୍ତା ଟଙ୍କା

# ପୌରପାଳିକା ସାମ୍ନାରେ ବିଜେଡିର ବିକ୍ଷୋଭ



ବାଲେଶ୍ୱର, ୯।୬ (ସମିସ): ଦୀର୍ଘ ୩ ମାସ ଧରି ବାଲେଶ୍ୱରର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିପାରୁନି। ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ଜରିଆରେ ମିଳୁଥିବା ଟଙ୍କା ଅପହଞ୍ଚ ହୋଇଛି। ଫଳରେ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭତ୍ତା ଟଙ୍କା ନପାଇ ସେମାନେ ଔଷଧ ପତ୍ର ଓ ଡାକ୍ତରୀ ଚିକିତ୍ସା ପାଇପାରୁ ନାହାଁନ୍ତି। ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣି ନପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ସମସ୍ୟାକୁ ନେଇ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ଟାଉନ ବିଜେଡି ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ପୌରପାଳିକା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଏଥିରେ ଶତାଧିକ ହିତାଧିକାରୀମାନେ ସାମିଲ ହୋଇଛନ୍ତି। ନେତୃତ୍ୱମାନେ ନାରାବାଜି କରିବା ସହ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି। ଡିଜିଟାଲ ଇଣ୍ଡିଆର କଥା କହୁଥିବା ସରକାର ଭତ୍ତା ଟଙ୍କା ନ ଦେଇ ଡିଜିଟାଲ ସମସ୍ୟାକୁ ଆଳ କରିଛି। ସେହିପରି ଏବର ସରକାର ନିର୍ବାଚନ ସମୟରେ ଭତ୍ତା ଟଙ୍କାକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ବେଳେ ପୂର୍ବରୁ ମିଳୁଥିବା ୧ ହଜାର ଟଙ୍କା ମଧ୍ୟ ୩ ମାସ ଧରି ହିତାଧିକାରୀଙ୍କୁ ଦେଇ ପାରୁନଥିବା ପ୍ରକାଶ କରିଛନ୍ତି। ପରେ ସମସ୍ୟାର ଆଶୁ ସମାଧାନ ସହଶୀଘ୍ରଭତ୍ତାପ୍ରଦାନନିମନ୍ତେକାର୍ଯ୍ୟନିର୍ବାହୀ ଅଧିକାରୀ ସିରିଆଲ ଶୁଭ୍ରା ପଟେଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଶତାଧିକ ହିତାଧିକାରୀ ଉପସ୍ଥିତ ରହି ନିଜର ଦୁଃଖ ଅଧିକାରୀଙ୍କୁ ଜଣାଇଛନ୍ତି। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ପୌର ଉପାଧକ୍ଷ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାଉନସିଲରଙ୍କ ମଧ୍ୟରେ ମୀନା ମହାନ୍ତି, ମୀତା ପଟ୍ଟନାୟକ, ମୀରାଜ ବାନୋ, ଶଶୀରେଖା ମହାନ୍ତି, କବିତା ମୁର୍ମୁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, କାର୍ତ୍ତିକ ସାହୁ, ଆୟୁବ ଖାଁ, ଶୋଭା ମହାପାତ୍ର, ସବିତା ଦାସ ପ୍ରମୁଖ ଉପସ୍ଥିତ ରହି ଏକତ୍ରୀତ ହୋଇଥିବା ହିତାଧିକାରୀଙ୍କ ଦୁଃଖ ବୁଝାସୁଝା କରିବା ସହ ବିଜେପି ବିରୁଦ୍ଧରେ ବର୍ଷିଛନ୍ତି। ପୂର୍ବତନ କାଉନସିଲର ଓ ଯୁବନେତାଙ୍କ ମଧ୍ୟରେ ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ରୀତିକ ଜୀ, ସେକ ଅନସର ଅଲ୍ଲୀ, ସେକ ରାଜୁ, ସେକ ଆଲାମ, ଦେବାଶିଷ ଦାସ, ନଳିନୀ ରଞ୍ଜନ ଦାସ, ରମେଶ ମାଝୀ, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

- ଚଉମୁଖ ଡଗରା ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ରାଜ୍ୟ ସରକାର

# ୧୭ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା




କାଳିପଦା, ୯।୬ (ସମିସ): ବାଲିଆପାଳର ଚଉମୁଖ ଡଗରା ବେଳାଭୂମି ୧୯୯୮ ମସିହାରୁ ସରକାରଙ୍କ ଚିଠି ନମ୍ବର ୨୦୪୦/୭୫ଏମ ମୂଳେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ମଧ୍ୟ ଆଜି ଯାଏ ଏହାର ବିକାଶ ହୋଇ ପାରିନି। ସୂଚନା ଅଧିକର ଆଇନ ବାଲିଆପାଳ ଶାଖାର ଆବାହାକ ଅନୁଜ କୁମାର ମାହାପାତ୍ର ଚଉମୁଖ ଡଗରା ବେଳାଭୂମିର ବିକାଶ ନିମନ୍ତେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ହାଇକୋର୍ଟ ଡବ୍ଲୁ ପି(ସି) ନମ୍ବର ୨୩୫୯୭ ଅଫ ୨୦୨୫ରେ ଚଉମୁଖ ଡଗରା ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ କାର୍ଯ୍ୟ ପନ୍ଦର ଦିନ ମଧ୍ୟରେ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଜି ଯାଏ କାର୍ଯ୍ୟ ଆରମ୍ଭ ହୋଇ ନଥିବରୁ ସ୍ଥାନୀୟ ଜନ ସାଧାରଣଙ୍କ ସହିତ ଭିଟାମାଟି ସୁରକ୍ଷା କମିଟି, ସୂଚନା ଅଧିକର ଅଭିଯାନ ସଂଘ ବାଲିଆପାଳ ଶାଖାର ସଦସ୍ୟ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ଚଉମୁଖ ଡଗରା ବେଳାଭୁମି ପ୍ରତି ରହିଥିବା ବୈମାତୃକ ମନୋଭାବ ଏବଂ ରାଜ୍ୟ ସରକାରଙ୍କ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ବିରୋଧରେ ଚଳିତ ମାସ ୧୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଜନ ସାଧାରଣଙ୍କ ସହିତ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟ ଓ ସୂଚନା ଅଧିକାର ଅଭିଯାନ ସଂଘ ବାଲିଆପାଳ ଶାଖାର ସଦସ୍ୟମାନେ ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ପୂର୍ତ୍ତ ରାସ୍ତାର ଶିଳାନ୍ୟାସ



ଜଳେଶ୍ୱର ବ୍ଲକ, ୯।୬ (ସମିସ): ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ର ପୁର ପଞ୍ଚାୟତର ଆର.ଆର.ପୁର ପଥରବନ୍ଧ ଠାରୁ ତପୋବନ ହାଇସ୍କୁଲ ଦେଇ ବାରକୋଣା ପର୍ଯ୍ୟନ୍ତ ତିନି କିଲୋମିଟର ଆର ଡି ରାସ୍ତାର ଆଜି ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ତିନି କିଲୋମିଟର ବାରକୋଣା ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ୪.୨୪ କୋଟିର ପ୍ରଶାସନିକ ମଞ୍ଜୁରୀ ମିଳିଲା ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଫଳରେ ବିଶେଷ କରି ତପୋବନ ହାଇସ୍କୁଲକୁ ଯାଉଥିବା ଶହ ଶହ ଛାତ୍ରଛାତ୍ରୀ ଏବଂ ଆଖପାଖ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ଏକ ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉଦଘାଟକ ବ୍ରଜମୋହନ ପ୍ରଧାନ ଓ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ପ୍ରବୀର କୁମାର ଦାସ କହିଛନ୍ତି। କାଳିଚରଣ ଦାସ, ସପନ କୁମାର ଦାସ, ମାଧବାନନ୍ଦ ପରିଡ଼ା, ଶାନ୍ତନୁ ଦାସ, ସୁରେନ୍ଦ୍ର ମହାଣା, ଶିବ ଚରଣ ମୁର୍ମୁ, ଅବନୀ ସାହୁ, ଗ୍ରାମ୍ୟ ମୁଖ୍ୟ ମୁରଲୀଧର ଦେ, ମାଳଗଡ଼ିଆ ଗ୍ରାମ ଗ୍ରାମ୍ୟ ମୁଖ୍ୟ ଅରୁଣ କୁମାର ପ୍ରଧାନ, ବାରକୋଣା ୱାଡର୍ ସଭ୍ୟା ସୁଜାତା ରାଣୀ ପାତ୍ର, ମାଳଗଡ଼ିଆ ୱାର୍ଡ ସଭ୍ୟ ଶ୍ୟାମ ସୁନ୍ଦର ପାଳ, ରାୟାଁରାମଚନ୍ଦ୍ରପୁର ୱାଡର୍ ସଭ୍ୟ ରଘୁ ମୁର୍ମୁ, ରଜନୀକାନ୍ତ ପାତ୍ର, ଅଜିତ କୁମାର ପାତ୍ର, ବଳରାମ ବେହେରା, ଗୋବିନ୍ଦ ଦତ୍ତ, ଭାସ୍କର ବେହେରା, ହେମନ୍ତ କୁମାର ପାତ୍ର, ଗୌରାଙ୍ଗ ସିଂହ, ବିଶ୍ୱମ୍ବର ଜେନା, ଗୌର ଗୋପାଳ ଦାସ, ବସନ୍ତ ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଳେଶ୍ୱର ବ୍ଲକ କ୍ଷେତ ମଜଦୁର ଓ ଗ୍ରାମୀଣ ଶ୍ରମିକ ସଂଘର ବିକ୍ଷୋଭ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୯।୬ (ସମିସ): କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍ ସୁଗୋ ଶାଖା ତରଫରୁ ଆଜି ୬ଦଫା ଦାବି ନେଇ ସୁଗୋ ଗ୍ରା.ପ. କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ସରପଞ୍ଚ ଜୟନ୍ତୀ ପରିଡ଼ାଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବୀ ଗୁଡିକ ମଧ୍ୟରେ ସମସ୍ତ ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ସହ ଆବାସ ଗୃହ ଯୋଗାଇ ଦେବା, ବର୍ଷକୁ ୨୦୦ଦିନ କାମ ଓ ଦୈନିକ ମଜୁରୀ ୬୦୦ଟଙ୍କା କରିବା, ମନରେଗା ଯୋଜନାକୁ କାର୍ଯ୍ୟକାରୀ କରିବା, ସମସ୍ତ ଚାଷୀଙ୍କଠାରୁ ଶତ ପ୍ରତିଶତ ଧାନ ସରକାରୀ ମୂଲ୍ୟ ୩୧୦୦ ଟଙ୍କାରେ କ୍ରୟ କରିବା, ଭାଗଚାଷୀଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ କରିବା ସହ ସେମାନଙ୍କଠାରୁ ଅତି କମ୍ ରେ ୧୦ କ୍ୱିଣ୍ଟାଲ ଧାନ ସରକାରୀ ମୂଲ୍ୟରେ କ୍ରୟ କରିବା, ଅନ୍‌ଲାଇନ ଜରିଆରେ ପାଉଥିବା ହୀତାଧିକାରୀଙ୍କୁ ତୁରନ୍ତ ୨ ମାସର ବକେୟା ଭତ୍ତା ଦେବା ସହିତ ସମସ୍ତଙ୍କୁ ୩ ହଜାର ଟଙ୍କା ଭତ୍ତା ଦେବା ପ୍ରତିଶ୍ରୁତିକୁ ପାଳନ କରିବା, ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା, ପ୍ରତିଶ୍ରୁତି ମୁତାବକ ୩୦୦ ୟୁନିଟ୍ ବିଜୁଳି ବିଲ ଛାଡ କରିବା ଇତ୍ୟାଦି। ଶାଖା ସଂପାଦକ ପଲଟୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କ୍ଷେତମଜଦୁର ୟୁନିଅନର ବ୍ଲକ ସଭ୍ୟ ଶଙ୍କର ମୁର୍ମୁ, ମଦନ ମାହାଲି, ଗଣେଶ ଜେନା, ରୁହ୍ୟା ଟୁଡୁ, ମହିଳା ସମିତିର ନେତ୍ରୀ ସବିତା ଭୂୟାଁ ପ୍ରମୁଖଙ୍କ ସହିତ ବହୁ ନେତା ଉଭୟ କେନ୍ଦ୍ର ଓ ରାଜ୍ୟର ଡ଼ବଲଇଞ୍ଜିନ୍ ବିଜେପି ସରକାରକୁ ସମାଲୋଚନା କରି ବକ୍ତବ୍ୟ ରଖିଥିଲେ। ସରକାର ସମସ୍ୟାର ସମାଧାନ ମୂଳକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତାରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ସେହିପରି ଜଳେଶ୍ୱର ପୌର ପରିଷଦରେ ଦିଲ୍ଲିପ କୁମାର ଗିରି ଓ କ୍ଷେତମଜଦୁର ୟୁନିଅନ୍‌ର ବ୍ଲକ ସଂପାଦକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ, ଆରୁହା ଗ୍ରା. ପ.ରେ ଗଣେଶ ଭୂୟାଁଙ୍କ ନେତୃତ୍ୱରେ, ସମ୍ପତିଆ ପଞ୍ଚାୟତରେ ଚନ୍ଦନ ଶତପଥି ନେତୃତ୍ୱରେ, ପଶ୍ଚିମବାଡ଼ ପଞ୍ଚାୟତରେ କ୍ଷେତମଜଦୁର ୟୁନିଅନ୍‌ର ଜିଲ୍ଲା ସଂପାଦକ ଦିପ୍ତିମାନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ ଅଫିସ ସମ୍ମୁଖରେ ୬ଦଫା ଦାବି ନେଇ ଆନ୍ଦୋଳନ କରିବା ସହିତ ସରପଞ୍ଚମାନଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।



# ଶ୍ୟାମ ନଗର ପଞ୍ଚାୟତରେ ଘୋର ପାନୀୟ ଜଳ ସମସ୍ୟା

ଜଳେଶ୍ୱର, ୯।୬ (ସମିସ)

ଜଳେଶ୍ୱର ବ୍ଲକ ରାଇବଣିଆର ଆଦିବାସୀ ବହୁଳ ଶ୍ୟାମ ନଗର ପଞ୍ଚାୟତବାସୀ ଉତ୍କଟ ପାନୀୟ ଜଳ ସମସ୍ୟାରେ ଜର୍ଜରିତ। ପାହାଡିଆ ଟାଙ୍ଗରା ଅଞ୍ଚଳ ଓ ଖରାଦିନ ଯୋଗୁଁ ଭୂତଳ ଜଳସ୍ତର ଖସିବା ଫଳରେ ପଞ୍ଚାୟତରେ ଘୋର ପାନୀୟ ଜଳ ସଙ୍କଟ ଦେଖାଦେଇଛି। ୬ ହଜାରରୁ ଉଦ୍ଧ୍ୱର୍ ଜନ ସଂଖ୍ୟା ବିଶିଷ୍ଟ ଶ୍ୟାମନଗର ପଞ୍ଚାୟତରେ ୮୦ ଭାଗ ଲୋକେ ଆଦିବାସୀ ଶ୍ରେଣୀର ଅଟନ୍ତି। ସୀମାବର୍ତ୍ତୀ ପାହାଡିଆ ଅଞ୍ଚଳରେ ୬୦/୭୦ ପରିବାରକୁ ନେଇ ଗାଁ ଗୁଡିକ ଗଢ଼ିଉଠିଥିବା ବେଳେ ଆର୍ଥିକ ଅନଗ୍ରସର ଲୋକେ ବସବାସ କରିଥାଆନ୍ତି। କେତୋଟି ନଳକୂପ ଥିଲେ ମଧ୍ୟ ଜଳସ୍ତର ନିମ୍ନଗାମୀ ହେବ ଓ ବସୁଧା ପାନୀୟ ଜଳ ଯୋଗାଣ ଭରସା ରେ ସେଗୁଡିକ ଅଚଳ ହୋଇ ନଷ୍ଟ ହେବାକୁ ବସିଛି। ପଞ୍ଚାୟତର ଚନ୍ଦ୍ରପୁର ଓ କାନପୁର ଠାରେ ୨ ଟି ବସୁଧା ପାଇପ ପାଣି ପ୍ରକଳ୍ପ ଓଭର ହେଡ଼ ଟ୍ୟାଙ୍କ ଥିଲେ ମଧ୍ୟ ସ୍ୱଳ୍ପ ପାଣି ବାହାରୁ ଥିବାରୁ ଜନ ସାଧାରଣ ହନ୍ତସନ୍ତ ହେଉଛନ୍ତି। ବସୁଧା ପ୍ରକଳ୍ପ ଯୋଜନାରେ ଓଭର ହେଡ୍ ଟାଙ୍କି କାର୍ଯ୍ୟ ନିମ୍ନ ମାନର ହୋଇଥିବା ରୁ ସେଥିରୁ କ୍ରମାଗତ ପାଣି ପଡି ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହା ସହିତ ନୟମ ଅନୁସାରେ କାର୍ଯ୍ୟ ନହୋଇ ମାଟି ଉପରେ ପାଇପ୍ ବିଛାଣ ଯୋଗୁଁ ଟ୍ରାକ୍ଟର ଚକାରେ ପାଇପ୍ ଫାଟି ଜଳ ବାହାରି ନଷ୍ଟ ହେଉଛି। କୁଶଗଡ, ଛୋଟ ହଳଦି ଗୁଣ୍ଡି ଗାଁରେ ବସୁଧା ଯୋଜନାରେ ବୋରିଂ ହୋଇଥିଲେ ମଧ୍ୟ ଶୋଷିଲାଙ୍କ ଲାଗି ପାନୀୟ ଜଳ ଯୋଗାଣ ସାତ ସପନ ପାଲଟିଛି। ବାଉଁଶ ବଣି, କାଲାଜୋଡି ର କେତେକାଂଶ, ଆମ୍ବଶୋଳ, ବାଡେଡିହ, ଧାନ ଘେରାର କେତେକାଂଶ, ସରାଳି ବସା ଆଦୀବାସୀ ସାହିରେ ପାଇପ୍ ପାଣି ଅପହଞ୍ଚ ଥିବା ସମ୍ପର୍କରେ ସରପଞ୍ଚ ଏବଂ ସମିତି ସଭ୍ୟା ଗତ ପଞ୍ଚାୟତ ସମିତି ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଏ ସମ୍ପର୍କରେ ପ୍ରଶାସନ, ବିଭାଗୀୟ ଅଧିକାରୀ କୌଣସି ବିହିତ ପଦକ୍ଷେପ ନେଇନଥିବାରୁ ପଞ୍ଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଛୋଟ ବେଗୁନିଆ ସ୍ଥିତ ବସୁଧା ପାନୀୟ ପ୍ରକଳ୍ପ ରୁ ଗୋଳିଆ ପାଣି ବାହାରୁଥିବା ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଉଁଶବଣି ୟୁଜି ୟୁପି ବିଦ୍ୟାଳୟ, ଘଡଘଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ନଳକୂପ ଅଚଳ ଥିବାରୁ ବହୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ସମିତି ସଦସ୍ୟ ମାନଙ୍କ ଅନୁଦାନରେ ଆଜି ପର୍ଯ୍ୟନ୍ତ ଏହି ଆଦୀବାସୀ ବହୁଳ ଜଳ କଷ୍ଟ ପଞ୍ଚାୟତରେ ଗୋଟିଏ ବି ନଳକୂପ ଖନନ ହୋଇନଥିବା ସରପଞ୍ଚ ଗିରିଜା ଶଙ୍କର ସାସମଲ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆର ଡବ୍ଲୁ ଏସ ଏସ ର ଜେଇଙ୍କୁ ଜଣାଇଥିଲେ ମଧ୍ୟ ସେ ଶୁଣି ନଶୁଣିଲା ଭଳି ପ୍ରଦର୍ଶନ କରୁଛନ୍ତି। ସୂଚନା ଯୋଗ୍ୟ, ଜଳେଶ୍ୱର ବ୍ଲକକୁ ୧୯ ଟି ନଳକୂପ ଖନନର ଅର୍ଥ ମିଳିବାକୁ ଥିବା ବେଳେ ଚଳିତ ବର୍ଷ କୌଣସି ପଞ୍ଚାୟତରେ ଖନନ ସମ୍ଭବ ହୋଇନାହିଁ। ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଥିବାରୁ ଶ୍ୟାମନଗର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରହିଛି। ତେଣୁ ତାର ଆଶୁ ସମାଧାନ ଲାଗି ଜିଲ୍ଲାପାଳ ଓ ବିଧାୟକ ଙ୍କ ନିକଟରେ ସରପଞ୍ଚ ଗୁହାରି ଜଣାଇଛନ୍ତି।



# ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଅଭିଯୋଗ

ସୋର, ୯।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ତିନିଜଣ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିବା ଫଳରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉତ୍ତରେଶ୍ୱର ଗ୍ରାମର ସଙ୍ଗମ ଗୁଇଁ(୩୪) ଉତ୍ତରେଶ୍ୱରର ଏକ ବାର ନିକଟରେ ଦୋକାନ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ସେ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରିବା ସମୟରେ ୩ଜଣ ଯୁବକ ଏକ ପଲସର ବାଇକରେ ଆସି ତାଙ୍କୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ସଙ୍ଗମ (ଟିକି ପୁଅ) ଗୁରୁତର ଆହତ ହୋଇ ଥିବା ବେଳେ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ଏହି ଘଟଣା ସମୟରେ ସେହି ରାସ୍ତାରେ ବାଇକରେ ଯାଉଥିବା ନୂଆଗାଁ ଗ୍ରାମର ସୁଶାନ୍ତ ଜେନା ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ସଙ୍ଗମ ନିଜେ ସ୍କୁଟି ଚଳାଇ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ପରିବାର ଲୋକଙ୍କୁ ଏ ବାବଦରେ ଜଣାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିବା ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ତେବେ କେଉଁ କାରଣରୁ ତାଙ୍କୁ ଆକ୍ରମଣ କରାଗଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୪୯୦/୨୬ ରେ ଏକ ମାମଲା ରୁଜୁ କରି ସିସିଟିଭି ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

